# ବିସ୍ଥାପନ କଲେ ଆନ୍ଦୋଳନ

## ଫେଲି ବାନ୍ଧିଲେ ୧୨ ଗ୍ରାମର ବାସିନ୍ଦା

**ଅନୁଗୋଳ ଅଫିସ, ୧୧।୬**

ଜଙ୍ଗଲ ସୁରକ୍ଷାରେ ନିୟୋଜିତ ଗ୍ରାମବାସୀଙ୍କୁ ଜଙ୍ଗଲଜମିରୁ ବିସ୍ଥାପନ କରିବାକୁ ଚାଲିଥିବା ମସୁଧାକୁ ବିରୋଧ କରିଛି ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି। ଠେଙ୍ଗା ପାଳି କରି ଜଙ୍ଗଲକୁ ସୁରକ୍ଷା ଦେଉଥିବା ଲୋକଙ୍କ ବିରୋଧରେ ପ୍ରଶାସନ ଏବଂ ବନ ବିଭାଗର ଏଭଳି ଉଦ୍ୟମକୁ ସଫଳ ହେବାକୁ ଦିଆଯିବନାହିଁ। ବିସ୍ଥାପନ କଲେ କିମ୍ବା ଅନ୍ୟତ୍ର ଲୋକଙ୍କୁ ଆଣିଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ରବିବାର ଅନୁଗୋଳ ସହରର ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

ଖବରଦାତା ସମ୍ମିଳନୀରେ ସମିତି ସଭାପତି ନବକିଶୋର ବିଶୋଇ କହିଛନ୍ତି, ଜିଲାରେ ଖଣି, ଶିଳ୍ପ ପାଇଁ ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି। ହେଲେ ଜଙ୍ଗଲକୁ ସୁରକ୍ଷା ଦେବାରେ ଅନୁଗୋଳ ବ୍ଲକ ଗଡା ଗ୍ରାମବାସୀ ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି। ଦୀର୍ଘ ୩୫ ବର୍ଷ ହେଲା ସେମାନେ ଗ୍ରାମ ନିକଟବର୍ତ୍ତୀ ରାଜସ୍ୱ ଜଙ୍ଗଲକୁ ସୁରକ୍ଷା ଦେଇଆସୁଛନ୍ତି। ଫଳରେ ଏକଦା ଶ୍ରୀହୀନ ହୋଇଯାଇଥିବା ଜମି ଏବେ ଘଞ୍ଚ ଜଙ୍ଗଲରେ ପରିଣତ ହୋଇଛି। ଏହାକୁ ବନ ବିଭାଗ ମଧ୍ୟ ସ୍ୱୀକୃତି ଦେଇଛି। ୨୦୧୮ରେ ଯୁଗ୍ମ ଜଙ୍ଗଲ ପରିଚାଳନା ନୀତି ସ୍ୱୀକୃତି ଆଧାରରେ ରେଜିଷ୍ଟ୍ରେଶନ ପ୍ରମାଣପତ୍ର ମିଳିଛି। ତଥାପି ଗ୍ରାମବାସୀଙ୍କୁ ବିସ୍ଥାପନ କରିବାକୁ ଯୋଜନା କରାଯାଉଛି। ଏଥିଲାଗି ତହସିଲ ପ୍ରଶାସନ ମିଥ୍ୟା ପ୍ରମାଣ ପତ୍ର କେନ୍ଦ୍ର ସରକାରଙ୍କୁ ଦେଇଛି। ବନ ବିଭାଗ ନିକଟକୁ ଆସିଥିବା ପ୍ରସ୍ତାବର ଯାଞ୍ଚ କରାଯାଇନାହିଁ। ଜଙ୍ଗଲ ସୁରକ୍ଷାରେ ଗଡ଼ା ଓ ଖଇରସାହି ବନ ସୁରକ୍ଷା ସମିତି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ବନ ବିଭାଗ ଏ ସମ୍ପର୍କିତ କୌଣସି ମତାମତ ଦେଇନାହିଁ। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସାତକୋଶିଆ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ବସତି ସ୍ଥାପନ କରୁଥିବା ଗ୍ରାମବାସୀଙ୍କ ବିସ୍ଥାପନରେ ପୁନଃବସତି ପାଇଁ ଜଙ୍ଗଲ ଜମି ବ୍ୟବହାର ନେଇ ଦର୍ଶାଯାଇଛି। ହେଲେ ଅନୁଗୋଳ ତହସିଲ ପ୍ରଶାସନ ପକ୍ଷରୁ ଅଭୟାରଣ୍ୟ ବାହାର ସୀମାରେ ଥିବା ଗ୍ରାମବାସୀଙ୍କୁ ବିସ୍ଥାପନ କରାଯାଇ ପୁନଃବସତି ପାଇଁ ଯୋଜନା କରାଯାଉଛି, ଯାହା ବେଆଇନ ବୋଲି ସମିତି ପକ୍ଷରୁ କୁହାଯାଇଛି। ଅଭୟାରଣ୍ୟ, ଜାତୀୟ ଉଦ୍ୟାନ ଓ ବାଘ ପ୍ରକଳ୍ପ ଏରିଆରେ ପୁନଃବସତି ପାଇଁ ସର୍ତ୍ତ ରହିଛି। ହେଲେ ଏହାକୁ ବନ ବିଭାଗ ଉପେକ୍ଷା କରୁଥିବା ୪ ପଞ୍ଚାୟତ ଅଧୀନ ୧୨ ଗ୍ରାମର ବାସିନ୍ଦା ଅଭିଯୋଗ କରିଛନ୍ତି। ଏହା ବିରୋଧରେ ଟାଇଁସି, ଧଉରାଗୋଠ ଓ ଗଡ଼ା ଗ୍ରାମବାସୀ ଏନ୍‌ଜିଟିର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ଏସ୍‌ସି ଓ ଏସଟି କମିଶନ, ମାନବାଧିକାର କମିଶନକୁ ଅବଗତ କରାଇବାକୁ ବାଧ୍ୟ ହେବେ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଦ୍ୟାଧର ପ୍ରଧାନ, ପୁରୁଣାକୋଟ ସମିତିସଭ୍ୟ ରମାକାନ୍ତ ପୃଷ୍ଟି, ସାମାଜିକ କର୍ମୀ ସୁଶୀଲ କୁମାର ପ୍ରଧାନ, ଆଇନଜୀବୀ ପ୍ରସନ୍ନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସମିତିର ସଦସ୍ୟମାନେ।

# ବରଯାତ୍ରୀ କାର୍ ଓଲଟି ୩ ଗୁରୁତର


ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବରଯାତ୍ରୀ କାର୍।

**ଭୁବନ, ୧୧।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ମହୁଲପାଳ କଣପାଳ ଛକ ନିକଟରେ ରବିବାର ଏକ ବରଯାତ୍ରୀ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କେନ୍ଦୁଝର ଜିଲା ସୋସ ଥାନା ଅନ୍ତର୍ଗତ ସଢ଼ା ଗ୍ରାମର ଆନନ୍ଦ ସାମଲ, ରଞ୍ଜିତ ଜେନା, ଦେବୀ ପ୍ରସାଦ ବେହେରା। ଦୁର୍ଘଟଣାରେ ଆନନ୍ଦଙ୍କ ହାତ ଭାଙ୍ଗି ଯାଇଥିବାବେଳେ ଅନ୍ୟମାନଙ୍କ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଭୁବନ ଥାନା ମହୁଲପାଳ ଗ୍ରାମରେ ଅନୁଷ୍ଠିତ ଏକ ବିବାହ କାର୍ଯ୍ୟରେ ଯୋଗଦେବାକୁ ସମ୍ପୃକ୍ତ ବରଯାତ୍ରୀ ଦଳ ଆସିଥିଲେ। ଭୋଜି ଖାଇ ଏକ କାର୍‌ରେ ୩ ଜଣ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଗ୍ନିଶମ ବାହିନୀ ସହାୟତାରେ ସମସ୍ତଙ୍କୁ ଭୁବନ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।


ଆନନ୍ଦଙ୍କ ହାତ ଭାଙ୍ଗିଯାଇଛି।

# କାର୍‌କୁ ଧକ୍କା ଦେଲା ବସ୍: ୮ ଆହତ, ୪ ଗୁରୁତର

**ବାସୁଦେବପୁର, ୧୧।୬(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର–ଧାମରା ରାସ୍ତାର ବିଦେଇପୁର ଛକଠାରେ ରବିବାର ଅପରାହ୍ନରେ ଏକ ଯାତ୍ରୀବାହୀ ବସ୍ କାର୍‌କୁ ଧକ୍କା ଦେବାରୁ ୮ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ଜଣ ବାଳକ ଓ ବାଳିକା ଥିବାବେଳେ ଅନ୍ୟ ୪ଜଣ ସେମାନଙ୍କ ପରିବାର, ସମ୍ପର୍କୀୟ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଏମାନେ କଷିଆ ମୁହାଣ ଅଞ୍ଚଳରୁ କାର୍‌ରେ ଡିପିହୋରା ଗାଁକୁ ଯାଉଥିବା ବେଳେ ବିଦେଇପୁର ଛକଠାରେ ବସ୍ ଧକ୍କା ଦେଇଥିଲା। ଆହତମାନେ ହେଲେ କାର୍‌ରେ ଥିବା ବାଲିମୁଣ୍ଡା ପଞ୍ଚାୟତ ଡିପିହୋରା ଗ୍ରାମର ବଂଶୀଧର ଗିରି(୯), ଶୁଭଙ୍କର ମାନା(୫), ତିରୁପତି ମାନା(୮), ଅଙ୍କିତା ପ୍ରିୟଦର୍ଶିନୀ ଗିରି(୬), ରଶ୍ମିତା ସେଠୀ, ସନାତନ ବେହେରା, ଲକ୍ଷ୍ମୀରାଣୀ ବେହେରା ଓ ସରସ୍ୱତୀ ଗିରି। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଗୁରୁତର ବଂଶୀଧର, ଶୁଭଙ୍କର, ରଶ୍ମିତା ଓ ସନାତନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ୬୦ ହଜାର ଲିଟର ପୋଚ, ୨୦୦୦ ଲିଟର ମଦ ଜବତ


ଜବତ ମଦରନ୍ଧା ସାମଗ୍ରୀ ନଷ୍ଟ କରାଯାଉଛି।


ଜବତ ପୋଚ।

## ଅବକାରୀ ଚଢ଼ାଉ

**ଢେଙ୍କାନାଳ ଅଫିସ, ୧୧।୬**

ଢେଙ୍କାନାଳ–ଯାଜପୁର ସୀମାନ୍ତ ଅଞ୍ଚଳରୁ ରବିବାର ବିପୁଳ ପରିମାଣରେ ଚୋରା ଦେଶୀ ମଦ ଏବଂ ପୋଚ ଜବତ କରାଯାଇଛି। ଏଥିସହ ମଦ ରନ୍ଧାରେ ବ୍ୟବହୃତ ସାମଗ୍ରୀ ନଷ୍ଟ କରାଯାଇଛି। ତେବେ ଚଢ଼ାଉ ପୂର୍ବରୁ ସୂଚନା ପାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

ଜିଲାର ଭୁବନ, ଗଁଦିଆ ବ୍ଲକର ନିହଲପ୍ରସାଦ, ଯାଜପୁର ଜିଲାର ସୁକିନ୍ଦା ଅଞ୍ଚଳରେ ବ୍ୟାପକ ଚୋରାମଦ ବ୍ୟବସାୟ ହେଉଛି। ବ୍ରାହ୍ମଣୀ ନଦୀ ଅବବାହିକାରେ ମଧ୍ୟ ଏଭଳି ବେଆଇନ କାରବାର ଚାଲିଛି। ଏ ସମ୍ପର୍କରେ ସୂଚନା ମିଳିବା ପରେ ଢେଙ୍କାନାଳ, ଯାଜପୁର ଓ କଟକ ଜିଲା ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ମୋଟ ୬୦ ହଜାର ଲିଟର ଗୁଡ଼ ପୋଚ, ୨୦୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଭୁବନ ନିକଟ ବ୍ରାହ୍ମଣୀ ନଦୀ କୂଳରେ ଦେଶୀ ମଦ ରନ୍ଧାଯାଉଥିବା ବେଳେ ଚଢ଼ାଉ କରାଯାଇ ସାମଗ୍ରୀ ନଷ୍ଟ କରାଯାଇଛି। ଅବକାରୀ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନ ପରେ ଚୋରା ମଦ ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି। ଅନ୍ୟପଟେ ଏ ସଂକ୍ରାନ୍ତରେ ବୁଦ୍ଧିଜୀବୀମାନେ ଭିନ୍ନ ମତ ଦେଇଛନ୍ତି। ସେମାନେ କହିଛନ୍ତି, ଦିନେ ଅଧେ ଏଭଳି ଚଢ଼ାଉ କରାଯିବା ଦ୍ୱାରା ବିଶେଷ ସୁଫଳ ମିଳିବ ନାହିଁ। ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ କରାଗଲେ ଚୋରା ମଦ କାରବାର ଉପରେ ଅଙ୍କୁଶ ଲାଗିପାରିବ।

# ସିଦ୍ଧ ମହାବୀରଙ୍କ ପୀଠର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୧୧।୬**

ଢେଙ୍କାନାଳ ସହର ଜୁବିଲି ଟାଉନ୍ ଅନ୍ତର୍ଗତ ଶ୍ରୀଅରବିନ୍ଦନଗରଠାରେ ଥିବା ସିଦ୍ଧ ମହାବୀରଙ୍କ ପୀଠର ୬ଷ୍ଠ ବାର୍ଷିକ ଉତ୍ସବ ରବିବାର ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥିଲା। ସକାଳୁ ପାରମ୍ପରିକ ପୂଜାର୍ଚ୍ଚନା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପୂଜକ ବିଦ୍ୟାନାରାୟଣ ଦ୍ୱିବେଦୀ, ଆଚାର୍ଯ୍ୟ ରାଜକିଶୋର ମିଶ୍ର, କର୍ତ୍ତା ଦୀପ୍‌ନାରାୟଣ ଷଡଙ୍ଗୀ, ପଙ୍କଜିନୀ ଷଡଙ୍ଗୀ ପ୍ରମୁଖ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଅନୁଷ୍ଠାନର ସଭ୍ୟ ପ୍ରମୋଦ ସ୍ୱାଇଁ, ନରେନ୍ଦ୍ର ବାରିକ୍, କୈଳାସ ରାଉତ, ଲିପନ୍, ଲିପୁ, ରମେଶ, ଦେବ, ଲାଲୁ, ବସନ୍ତ ବାରିକ୍, ସୂର୍ଯ୍ୟ ମିଶ୍ର, ବିଜୟ ସାହୁ, ନବ ମିଶ୍ର, ଗୋବିନ୍ଦ ସାହୁ, ଇନ୍ଦ୍ରାଣି ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଢେଙ୍କାନାଳ ପଦ୍ମବଜାରର ମହିଳା ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ପରିବେଷିତ ନାମକୀର୍ତ୍ତନ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ଲାଗି ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ଅଧାତ୍ମିକ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ମହାବୀରଙ୍କ କୃପା ଲାଭ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁଙ୍କ ସମେତ ଉତ୍ସାହୀ ଯୁବକ।

# ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କର

**ବଇଣ୍ଡା, ୧୧।୬(ଡି.ଏନ.ଏ.)**

ଶିଶୁ କିଭଳି ଭଲ ପାଠ ପଢ଼ିବେ ସେଥିପାଇଁ ଅଭିଭାବକମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ। ପ୍ରାଥମିକସ୍ତରରୁ ଶିକ୍ଷାକୁ ମଜଭୁତ୍ କରିଲେ ଉଚ୍ଚ ଶିକ୍ଷା ପାଇଁ ଅସୁବିଧା ସୃଷ୍ଟି ହେବନାହିଁ ବୋଲି ଶନିବାର ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବଇଣ୍ଡା ଛକ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଇଣ୍ଡା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅର୍ଜୁନ କୁମାର ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ନୁନୁକାପଶି ସରପଞ୍ଚ ପ୍ରତିନିଧି ମାନସ ରଞ୍ଜନ ସାହୁ, ଜିତେନ୍ଦ୍ର ବେହେରା, ରମେଶ ଟିବ୍ରୁୱାଲା, ରମେଶ ସାହୁ, ମହେଶ ସାହା, ଗିରୀଶ ଚନ୍ଦ୍ର ବେହେରା, ପରିକ୍ଷିତ ସାହୁ, ସଞ୍ଜୟ ସାହୁ, ପ୍ରକାଶ ଚନ୍ଦ୍ର ମିଶ୍ର, ଛବି ପାତ୍ର, ଭବାନୀ ଶଙ୍କର ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗଦେଇଥିଲେ। ବିଦାୟୀ କଲେଜ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢ଼ୌକନ ପ୍ରଦାନ ପୂର୍ବକ ନିରାମୟ ଜୀବନ କାମନା କରାଯାଇଥିଲା।


ବିଦାୟୀ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ହାତୀ ଉପଦ୍ରବ ବଢୁଛି

**ଢେଙ୍କାନାଳ ଅଫିସ, ୧୧।୬**

ଢେଙ୍କାନାଳ ଜିଲାରେ ହାତୀ–ମଣିଷ ସଂଘର୍ଷ ରୋକିବାରେ ବିଫଳ ହୋଇଛି ବନ ବିଭାଗ। ଏହାକୁ ନେଇ ଅସନ୍ତୋଷ ତୀବ୍ର ରୂପ ଧାରଣ କଲାଣି। ବାରମ୍ବାର ଦାବି ସତ୍ତ୍ୱେ ସମସ୍ୟାର ସମାଧାନ ହେଉ ନ ଥିବାରୁ ଧନଜୀବନ ହାନି ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଉପଦ୍ରୁତ ଅଞ୍ଚଳବାସୀ ସଜବାଜ ହେଲେଣି।

ଢେଙ୍କାନାଳ ଜିଲାର ହିନ୍ଦୋଳ, କପିଳାସ, ସଦର ରେଞ୍ଜରେ ହାତୀ ଉପଦ୍ରବ ଚରମସୀମାରେ ପହଞ୍ଚିଛି। ଜଙ୍ଗଲ ଛାଡ଼ି ଜନବସତିରେ ଦଳବଦ୍ଧ ହୋଇ ବୁଲୁଛନ୍ତି ହାତୀ। ଗାଁମୁହାଁ ହୋଇଥିବା ଗୋଠଛଡ଼ା ଦନ୍ତା ହିଂସ୍ର ଆଚରଣ ପ୍ରଦର୍ଶନ କରୁଛନ୍ତି। ସ୍ଥିତି ଏମିତି ହୋଇଛି ଯେ, ଦିନବେଳା ମଧ୍ୟ ରାସ୍ତାରେ ଯିବାକୁ ଲୋକେ ଭୟ କରିବା ଆରମ୍ଭ କଲେଣି। ଗତ ମାସକ ମଧ୍ୟରେ ହାତୀ ଆକ୍ରମଣରେ ୧୧ ଜଣଙ୍କ ଜୀବନ ଯିବା ସ୍ଥିତିର ଗମ୍ଭୀରତାକୁ ଦର୍ଶାଉଛି। ଜନବସତିମୁହାଁ ଦନ୍ତାଙ୍କୁ ଜଙ୍ଗଲକୁ ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଥିବାବେଳେ ମାନବାଧିକାର କର୍ମୀ ରାଜକିଶୋର ବେହେରା ଏଥିରେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ, ୫–ଟି ସଚିବ, ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କୁ ଟୁଇଟ୍ କରି ଜଣାଇଛନ୍ତି। ଏଥିସହ ଢେଙ୍କାନାଳ ଜିଲାପାଳ, ଜିଲା ବନଖଣ୍ଡ ଅଧିକାରୀ ସ୍ଥିତିର ଗମ୍ଭୀରତା ହୃଦୟଙ୍ଗମ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।



'ଧରିତ୍ରୀ'ରେ ପ୍ରକାଶିତ ଖବରକୁ ରାଜକିଶୋର ଟୁଇଟ୍ କରିଛନ୍ତି।

## ତେଜୁଛି ଜନଅସନ୍ତୋଷ

କିଛିଦିନ ହେଲା କପିଳାସ ରେଞ୍ଜ ଅଧୀନ ନେଉଳପୋଇ, ଦେଓଗାଁ, ଗୋପାଳପୁର, ମହୁଲଖୋଳି ଆଦି ଗ୍ରାମରେ ଦନ୍ତା ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ହାତୀପଲ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ମୂଲ୍ୟବାନ ଧନଜୀବନ ହାନି ହେଉଛି। ସନ୍ଧ୍ୟା ହେଲେ ତାଟିକବାଟ ପଡ଼ିଯାଉଛି। ଲୋକମାନେ ଗୃହବନ୍ଦୀ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି। ଏପରି କି ଜରୁରୀ ଚିକିତ୍ସା ଲାଗି ରୋଗୀ, ଗର୍ଭବତୀ, ପ୍ରସୂତି ଡାକ୍ତରଖାନା ଯିବାକୁ ଭୟ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ପ୍ରଶାସନ, ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ବନ ବିଭାଗର ଅସହାୟତା ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ହିଂସ୍ର ଦନ୍ତାକୁ ଅନ୍ୟତ୍ର ଘଉଡ଼ାଇବା ପାଇଁ ଦାବି କରାଯାଇଛି। ଏହାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମାନବାଧିକାର କର୍ମୀ ବେହେରା ଟୁଇଟ୍ କରି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ମାଡ଼ ମାରି ଟଙ୍କା ଲୁଟ ମାମଲା: ୬ ଗିରଫ

ବଇଣ୍ଡା,୧୧।୬(ଡି.ଏନ୍.ଏ.)-କିଶୋରନଗର ବ୍ଲକ ହଣ୍ଡପା ଥାନା ଉରୁକୁଳା ନିକଟରେ ବୁଧବାର ରାତିରେ ଛେଣ୍ଡିପଦା ଥାନା ଗୋଲାଗାଡିଆ ଅଞ୍ଚଳର ରଞ୍ଜନ ନାୟକଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ ହୋଇଥିଲା। ଏହି ମାମଲାରେ ରବିବାର ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହଣ୍ଡପା ଅଞ୍ଚଳର ପ୍ରମୋଦ କୁମାର ବେହେରା, ରାଜା ବେହେରା, ଶଙ୍କର ବେହେରା, ସନ୍ତୋଷ ବେହେରା, ନୁନୁକାପଶି ଅଞ୍ଚଳର ଏନ୍. ବାରିକ ଏବଂ ଦେବେନ୍ଦ୍ର ପ୍ରଧାନ। ଅନ୍ୟ ୩ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ସୂଚନା ଅନୁଯାୟୀ, ରଞ୍ଜନ ତାଙ୍କ କାର୍‌ରେ ଠାକୁରଗଡ଼ ଅଞ୍ଚଳରୁ ଉରୁକୁଳା ଦେଇ ଆସୁଥିବାବେଳେ ୯ ଜଣ ଅଭିଯୁକ୍ତ ଅଟକାଇଥିଲେ। ତାଙ୍କୁ ମାଡ଼ ମାରିବା ସହ ଭୁଜାଲି ଦେଖାଇ ଭୟଭୀତ କରାଇ ୭୦ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ହାତୀ ଭାଙ୍ଗିଲା ଘର



ବଇଣ୍ଡା,୧୧।୬(ଡି.ଏନ.ଏ.)-କିଛିଦିନର ବ୍ୟବଧାନ ପରେ କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜରେ ପୁଣି ଥରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ନାକିଚି ଅଞ୍ଚଳକୁ ଚାଲି ଆସିଥିବା ଏକ ଗୋଠଛଡ଼ା ଦନ୍ତା ଆତଙ୍କ ସୃଷ୍ଟି କରିଛି। ନିକଟ ଜଙ୍ଗଲରୁ ଜନବସତିମୁହାଁ ହୋଇଥିବା ହାତୀଟି ବ୍ୟାପକ ଫସଲ ନଷ୍ଟ କରିଛି। ଅମର ବେହେରା, ଘାସିନାଥ ନାଗ, ପବିତ୍ର ନାଗଙ୍କ ଘର ଭାଙ୍ଗି ଦେଇଛି। ଶୁଣ୍ଢରେ ଟେକି ନେଇ ଘରେ ଥିବା ଧାନ ଖାଇଦେଇଛି। ଜମିରେ ପଶି ପରିବା ଚାଷ ଉଜାଡ଼ି ଦେଇଛି। ଶନିବାର ରାତି ସାରା ଗ୍ରାମରେ ଉକ୍ତ ଦନ୍ତା ଡେରା ପକାଇଥିବାବେଳେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ନିଶାସକ୍ତ ଗାଡ଼ି ଚାଳକ ଗିରଫ

ବଇଣ୍ଡା, ୧୧।୬(ଡି.ଏନ.ଏ.)-ମଦ୍ୟପାନ କରି ଗାଡି ଚଳାଇବା ଅଭିଯୋଗରେ ବଇଣ୍ଡା ଫାଣ୍ଡି ପୋଲିସ ରବିବାର ଅଶ୍ରୁବାହାଲ ଗ୍ରାମର ଏସ୍. ପ୍ରଧାନଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ ଜବତ କରାଯାଇଛି। ସେ ନିଶାସେବନ କରି ବେପରୁଆ ଭାବେ ଗାଡ଼ି ଚଳାଉଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଏ ନେଇ ନଂ. ୧୩୫/୨୩ରେ ଏକ ମାମଲା ରୁଜୁ ହୋଇଛି।

# ଆଶା ରହିଗଲା ଅଧାରେ

ଭୁବନ, ୧୧।୬
(ବିପିନ ବିହାରୀ ସେଠୀ)

ଦଶମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ଯୁକ୍ତ ୨ରେ ନାମ ଲେଖାଇଥାଆନ୍ତେ। ଏଥିଲାଗି ଅନ୍‌ଲାଇନ୍‌ରେ ଆବେଦନ ମଧ୍ୟ କରିଥିଲେ। ଦିନ କେଇଟା ପରେ କଲେଜ ଯାଇଥାଆନ୍ତେ। ଉଚ୍ଚଶିକ୍ଷାର ଆଶା ପୂରଣ କରିଥାଆନ୍ତେ। ହେଲେ ସବୁକିଛି ଧୂଳିସାତ୍ ହୋଇଯାଇଛି। ବୋଲେରୋ ଚାଳକଙ୍କ ବେପରୁଆ ଗାଡ଼ି ଚାଳନାରେ ଅକାଳରେ ଲିଭିଯାଇଛି ଦୁଇ ଛାତ୍ରଙ୍କ ଜୀବନ ଦୀପ। ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡି ଅଧୀନ କାଲୁଣିଗୋଡ଼ା ପୀଠ ନିକଟରେ ରବିବାର ଘଟିଥିବା ଏଭଳି ଦୁର୍ଘଟଣା ଅଞ୍ଚଳବାସୀଙ୍କୁ ବାକ୍‌ଶୂନ୍ୟ କରିଦେଇଛି। ସେପଟେ ୨ ଜଣ ଭେଣ୍ଡିଆ ପୁଅକୁ ହରାଇ ମ୍ରିୟମାଣ ହୋଇପଡ଼ିଛନ୍ତି ପରିବାର ସଦସ୍ୟ।

ସୁରପ୍ରତାପପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷକ ଅରୁଣ କୁମାର ଓଝାଙ୍କ କହିବା କଥା, ନିକଟରେ ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷାରେ ପୃଥ୍ୱୀରାଜ ସାହୁ ୩୪୮ ମାର୍କ ରଖି 'ସି'ଗ୍ରେଡ୍‌ରେ ପାସ୍ ହୋଇଥିଲେ। ସେହିପରି ସୌମ୍ୟରଞ୍ଜନ ୩୭୮ ମାର୍କ ରଖି ବି-୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିଲେ। ଉଭୟେ ଯୁକ୍ତ ୨ ପଢ଼ିବା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। ଛାତ୍ର ଦୁଇଜଣ ଶିକ୍ଷାନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଥିଲେ। ସେମାନଙ୍କ ଏଭଳି ମୃତ୍ୟୁକୁ ବିଶ୍ୱାସ କରିହେଉନାହିଁ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି।



ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ସ୍ମରଣୀୟ ଭୋଜି ଶ୍ମଶାନରେ ଶେଷ

ମାଟ୍ରିକ୍ ପରୀକ୍ଷା ପରେ ଯିଏ ଯାହା ବାଟରେ ଚାଲିଯିବେ। କିଏ କେଉଁଠାରେ ପାଠ ପଢ଼ିବେ। ତେଣୁ ଏଥିପୂର୍ବରୁ ସହପାଠୀମାନେ ଏକାଠି ହୋଇ ସ୍ମରଣୀୟ ମୁହୂର୍ତ୍ତ ସାଉଁଟିବାକୁ କରିଥିଲେ ଯୋଜନା। ଏଥିପାଇଁ କାଲୁଣିଗୋଡ଼ା ପୀଠରେ ଏକ ଭୋଜି କରିବାକୁ ନିଷ୍ପତ୍ତି ନେଇଥିଲେ ସଦ୍ୟ ମାଟ୍ରିକ୍ ପରୀକ୍ଷାରେ ପାସ୍ କରିଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୦ ଛାତ୍ର। ଭୋଜିକୁ ସ୍ମୃତିମଧୁର କରିବା ପାଇଁ ସେମାନେ କିଛିଦିନ ଆଗରୁ କଥାବାର୍ତ୍ତା ମଧ୍ୟ ହୋଇଥିଲେ। ସକାଳୁ ପୀଠରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ ସକାଳର ଖୁସି ଅପରାହ୍ନରେ ଫିକା ପଡ଼ିଗଲା। ଦୁର୍ଘଟଣାରେ ଦୁଇ ସହପାଠୀଙ୍କ ମୃତ୍ୟୁ ସମସ୍ତଙ୍କୁ ଦୋହଲାଇ ଦେଇଥିବାବେଳେ ଅଧାରେ ଅଟକିଗଲା ଭୋଜି ଆସର।

### ଶୋକାକୁଳ ପରିବେଶରେ ଜଳିଲା ଜୁଇ

ସଙ୍କଟାପନ୍ନ ଅବସ୍ଥାରେ ପୃଥ୍ୱୀରାଜ ଏବଂ ସୌମ୍ୟରଞ୍ଜନଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ବେଳକୁ ସାରା ଗାଁ ଉଠି ଆସିଥିଲା ଡାକ୍ତରଖାନାକୁ। ଛାତ୍ରଙ୍କ ନିକଟ ସମ୍ପର୍କୀୟ, ସହପାଠୀଙ୍କ ବୁକୁଫଟା ଚିତ୍କାର ପରିବେଶକୁ ଭାବଗମ୍ଭୀର କରିଦେଇଥିଲା। ବ୍ୟବଚ୍ଛେଦ ପରେ ସନ୍ଧ୍ୟା ସାଢ଼େ ୬ଟାରେ ପୋଲିସ ଉପସ୍ଥିତିରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ଏକ ଗାଡ଼ିରେ ଉଭୟଙ୍କ ମରଶରୀରକୁ ଗାଁକୁ ନିଆଯାଇଥିଲା। ଶୋକକୁଳ ପରିବେଶ ମଧ୍ୟରେ ବିଳମ୍ବିତ ସନ୍ଧ୍ୟାରେ ଉଭୟଙ୍କ ମୃତଦେହକୁ ଗ୍ରାମ ଶ୍ମଶାନରେ ଦାହ କରାଯାଇଛି।

### ଦୁଇ ପରିବାର ହରାଇଲେ ବଡ଼ ପୁଅ

ପୃଥ୍ୱୀରାଜ ଏବଂ ସୌମ୍ୟରଞ୍ଜନ ଥିଲେ ପରିବାରର ବଡ଼ପୁଅ। ସେମାନଙ୍କ ମୃତ୍ୟୁରେ ଉଭୟ ପରିବାର ସେମାନଙ୍କ ପ୍ରଥମ ସନ୍ତାନଙ୍କୁ ହରାଇଛନ୍ତି, ଯାହା ସେମାନଙ୍କ ଉପରେ ଲଦି ଦେଇଛି ଦୁଃଖର ପାହାଡ଼। ବଡ଼ଭାଇ ପୃଥ୍ୱୀରାଜଙ୍କ ବିୟୋଗରେ ୮ବର୍ଷର ସାନଭାଇ ତାଙ୍କୁ ଝୁରି ହେଉଛନ୍ତି। ସେହିପରି ସୌମ୍ୟରଞ୍ଜନଙ୍କ ୧୧ ବର୍ଷର ସାନ ଭାଇ ମଧ୍ୟ ବାହୁନି ବାହୁନି କାନ୍ଦୁଛନ୍ତି। ଏଭଳି ହୃଦୟବିଦାରକ ଦୃଶ୍ୟ ଗ୍ରାମରେ ବିଷାଦର ଛାୟା ଖେଳାଇ ଦେଇଛି।

# ସତର୍କ ରହିଲେ ସାଇବର ଠକେଇରୁ ବର୍ତ୍ତିହେବ




ବୈଠକରେ ଏସ୍‌ପି, ଜିଲା ପରିଷଦ ସଭାନେତ୍ରୀଙ୍କ ସମେତ ଅନ୍ୟମାନେ।

ଭାପୁର, ୧୧।୬(ଡି.ଏନ୍.ଏ.)

ଢେଙ୍କାନାଳ ସଦର ବ୍ଲକ ଭାପୁର କଲ୍ୟାଣ ମଣ୍ଡପରେ ରବିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ 'ଆମ ପୋଲିସ ସମିତି' ଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୋସିଆଲ ମିଡିଆ ମାଧ୍ୟମରେ ଅଧିକ ସାଇବର ଠକେଇ ହେଉଛି। ଏଥିପ୍ରତି ସତର୍କତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ସୋସିଆଲ ମିଡିଆ ବ୍ୟବହାର ବେଳେ ଯତ୍ନବାନ ହେବା, ବାଲ୍ୟ ବିବାହ ରୋକିବା ଲାଗି ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ଭାପୁର ଫାଣ୍ଡିକୁ ଥାନା ମାନ୍ୟତା ପ୍ରଦାନ ଲାଗି ଚାଲିଥିବା ଉଦ୍ୟମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଏସ୍‌ପି ସୂଚନା ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଯୋଗଦେଇ ପୋଲିସ-ଜନତା ମଧ୍ୟରେ ସମନ୍ୱୟ ରହିଲେ ଭୟ ଦୂର ହେବ। ଅନ୍ୟତମ ଅତିଥି ଭାବେ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର, ଏଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ଆଇଆଇସି ପ୍ରବୀର ପ୍ରଧାନ, ଭାପୁର ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିଭୁଦତ୍ତ ମିଶ୍ର, ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଛଦେଶ ଅଞ୍ଚଳର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

### ୧୫ରେ ଜିଲାସ୍ତରୀୟ ପୁରାଣ ପ୍ରତିଯୋଗିତା

ତାଳଚେର,୧୧।୬(ନି.ପ୍ର.)

ରଜ ମହୋତ୍ସବ ଉପଲକ୍ଷେ ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠରେ ଆସନ୍ତା ୧୫ ତାରିଖରେ ଜିଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହେବ। ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରତିଯୋଗିତାର ସମସ୍ତ ପ୍ରଶ୍ନ ବାଲ୍ମୀକି ରାମାୟଣରୁ ପଚରାଯିବ। ଗ୍ରାମ କିମ୍ବା ଅନୁଷ୍ଠାନରୁ ୪ ଜଣ ପ୍ରତିଯୋଗୀ (ଉଭୟ ପୁରୁଷ/ମହିଳା) ଗୋଟିଏ ଦଳ ହିସାବରେ ଏଥିରେ ଅଂଶଗ୍ରହଣ କରିପାରିବେ। ସମସ୍ତ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ସହ ପୁରସ୍କୃତ କରାଯିବ। ଶ୍ରେଷ୍ଠ ବିବେଚିତ ୩ ଦଳକୁ ସ୍ୱତନ୍ତ୍ର ପୁରସ୍କାର, ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରତିଯୋଗିତାରେ ବହୁ ପରିମାଣରେ ପୁରାଣପ୍ରେମୀ, ବୁଦ୍ଧିଜୀବୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦର ସମ୍ପାଦକ ଗଡ଼ନାୟକ ନିବେଦନ କରିଛନ୍ତି।

# ଗ୍ରାମାଞ୍ଚଳ ବିକାଶ ଉପରେ ଗୁରୁତ୍ୱ

ବଇଣ୍ଡା, ୧୧।୬(ଡି.ଏନ.ଏ.)

ଗ୍ରାମର ବିକାଶରେ ସରପଞ୍ଚଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିଲାଗି ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବ୍ଲକ ପ୍ରଶାସନ ଜରିଆରେ ଜନପ୍ରତିନିଧିମାନେ ପଞ୍ଚାୟତର ବିକାଶ ଲାଗି ଅଧିକ ଯତ୍ନବାନ ହେବା ଜରୁରୀ ବୋଲି ରବିବାର ନାକିଚିଠାରେ ଅନୁଷ୍ଠିତ କିଶୋରନଗର ବ୍ଲକ ସରପଞ୍ଚ ସଂଘ ବୈଠକରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି।

ଅଙ୍ଗପଡ଼ା ସରପଞ୍ଚ ଜିତେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବସୁଧା (ଗ୍ରାମୀଣ)ର ଉପଦେଷ୍ଟା ଦୀନେଶ କୁମାର ପ୍ରଧାନ ଯୋଗଦେଇ ସରପଞ୍ଚଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସରପଞ୍ଚ ସଞ୍ଜିତ ପ୍ରଧାନ, ଶରତ ପ୍ରଧାନ, ବିଜୟ ରଥ, ଅମିତ ସାହୁ, କୁମୁନ୍ଦ ସାହୁ, କ୍ଷମାନିଧି ପ୍ରଧାନ, ସୁଲୋଚନା ବୀର, ସୁରୁଚି ସମ୍ପୂର୍ଣ୍ଣା ସାହୁ, ସସ୍ମିତା ସାହୁ, କମଳା ପ୍ରଧାନ, ମୋହିନୀ ପ୍ରଧାନଙ୍କ ସମେତ ୨୩ ପଞ୍ଚାୟତର ସରପଞ୍ଚ, ସେମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ନାକଚି ସରପଞ୍ଚ ମନୋଜ ବାଘ, ଉପସଭାପତି ଭାବେ ରଣିଆକଟା ସରପଞ୍ଚ ସୁଲୋଚନା ପ୍ରଧାନ, ସମ୍ପାଦକ ଭାବେ ବାମୁର ସରପଞ୍ଚ ସଞ୍ଜୀବ ପ୍ରଧାନ, କୋଷାଧ୍ୟକ୍ଷ ଭାବେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁଙ୍କୁ ଚୟନ କରାଯାଇଥିଲା।



ବୈଠକରେ ଉପସ୍ଥିତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ।

# ୩ କି.ମି. ଜଙ୍ଗଲ ରାସ୍ତା ପିଚୁ ହେବ

ବଇଣ୍ଡା, ୧୧।୬(ଡି.ଏନ.ଏ.)

**ଉପକୃତ ହେବେ ୩ ପଞ୍ଚାୟତବାସୀ**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କନ୍ତପଡ଼ାରୁ ମଇମୁରା ପଞ୍ଚାୟତକୁ ସଂଯୋଗ କରୁଥିବା ୧୧ କି.ମି. ଦୀର୍ଘ ତରଣ୍ଡା-କେଞ୍ଝୁଆନାଳି-ବିପ୍ରଡିହ ସଡ଼କର ଅବଶିଷ୍ଟ ୩ କି.ମି. ମାଟି ରାସ୍ତା ପିଚୁ ଢଳେଇ ହେବ। ଶନିବାର ଏଭଳି ପ୍ରତିଶ୍ରୁତି ଦେଇଛନ୍ତି ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ। ଏହାପରେ ଦୁଇ ପଞ୍ଚାୟତ ମଧ୍ୟରେ ଗମନାଗମନ ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ବିଧାୟକ ଅଶାବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୦-୨୧ରେ ଉକ୍ତ ୧୧ କି.ମି. ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପିଚୁ ଢଳେଇ କରାଯାଇଥିଲା। ତେବେ ରାସ୍ତା ମଝିରେ ୩ କିମି ଜଙ୍ଗଲ ଜମି ରହିଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାକୁ ପିଚୁ ଢଳେଇରୁ ବାଦ୍ ଦିଆଯାଇଥିଲା। ତେବେ ପିଚୁ ପଡ଼ି ନ ଥିବା ୩ କିମି ରାସ୍ତାରେ ଗମନାଗମନ କରିବା ସମସ୍ୟା ସୃଷ୍ଟି କରୁଥିଲା। ଏ ସଂକ୍ରାନ୍ତରେ କେଞ୍ଝୁଆନାଳି ଗ୍ରାମବାସୀ ଆଠମଲ୍ଲିକ ବିଧାୟକଙ୍କଠାରୁ ଆରମ୍ଭ କରି ଜଙ୍ଗଲ ମନ୍ତ୍ରୀ, କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ, ସମ୍ବଲପୁର ଏମ୍‌ପିଙ୍କ ନିକଟରେ ଏକାଧିକ ଥର ଅଭିଯୋଗ କରିଥିଲେ। ତଥାପି କୌଣସି ସୁଫଳ ମିଳୁ ନ ଥିଲା। ଶନିବାର ବିଧାୟକ ସାଏ, ଆଠମଲ୍ଲିକ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଏସ୍. କପ୍ଲା, ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ, ଫରେଷ୍ଟର ସଞ୍ଜୟ ପ୍ରଧାନଙ୍କ ସମେତ ବନ ବିଭାଗର ଏକ ଟିମ୍ ଉକ୍ତ ଅଞ୍ଚଳ ଗସ୍ତ କରିଥିଲେ। ବାଦ୍ ପଡ଼ିଥିବା ୩ କିମି ରାସ୍ତା ପିଚୁ ଢଳେଇ ହେଲେ ଏହା ଉପରେ ନିର୍ଭର କରୁଥିବା କନ୍ତପଡ଼ା, ମଇମୁରା, ଟାପଡୋଲ ପଞ୍ଚାୟତବାସୀ ଉପକୃତ ହେବ। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବନଖଣ୍ଡ ଅଧିକାରୀ ଏହି ସମସ୍ୟା ଦୂର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ଡିଏଫଓ କପ୍ଲା କହିଛନ୍ତି, ଉକ୍ତ ୩ କିମି ରାସ୍ତା କିଭଳି ପିଚୁ ଢଳେଇ କରାଯିବ ସେ ନେଇ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ଚିଠି ମାଧ୍ୟମରେ ଅବଗତ କରାଯିବ। ଏହାକୁ ମଞ୍ଜୁରୀ ମିଳିଲେ କାମ ଆରମ୍ଭ ହେବ।

ଅପରପକ୍ଷେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମୁଖ୍ୟ ଜୀବିକା କୃଷି। ହେଲେ ବନ୍ୟପ୍ରାଣୀଙ୍କ ଉପଦ୍ରବ ଯୋଗୁ ଚାଷ ଉଜୁଡ଼ିଯାଉଛି। ଜୀବନଜୀବିକା ପ୍ରଭାବିତ ହେଉଛି। ଏହାର ପ୍ରତିକାର କରିବାକୁ ଗ୍ରାମବାସୀ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ସମସ୍ୟାର ସମାଧାନ ଲାଗି ବିଧାୟକ ଆଶ୍ୱାସନା ଦେଇଛନ୍ତି। ଜଙ୍ଗଲୀଜନ୍ତୁ ଉପଦ୍ରୁତ ଅଞ୍ଚଳରେ ସୋଲାର ତାରବାଡ଼ ଘେରାଇବାକୁ ବିଧାୟକ ବନଖଣ୍ଡ ଅଧିକାରୀଙ୍କୁ ନିବେଦନ କରିଛନ୍ତି।



ପିଚୁ ରାସ୍ତା ନିର୍ମାଣ ପାଇଁ ବିଧାୟକ ଆଲୋଚନା କରୁଛନ୍ତି।

# କେନ୍ଦୁଝର, ଖୋର୍ଦ୍ଧା, ସୁନ୍ଦରଗଡ଼ ଚାମ୍ପିୟନ

**୨୯ତମ ରାଜ୍ୟସ୍ତରୀୟ ଉସୁ ଚାମ୍ପିୟନ୍‌ଶିପ ଉଦ୍‌ଯାପିତ**

ଅନୁଗୋଳ ଅଫିସ,୧୧।୬

ଉସୁ ଆସୋସିଏଶନ୍ ଅଫ୍ ଅନୁଗୋଳ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ୨୯ତମ ରାଜ୍ୟସ୍ତରୀୟ ଉସୁ ଚାମ୍ପିୟନ୍‌ଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୮୫ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସବ୍‌ଜୁନିୟର ବର୍ଗରେ କେନ୍ଦୁଝର, ଜୁନିୟର ବର୍ଗରେ ଖୋର୍ଦ୍ଧା ଏବଂ ସିନିୟର ବର୍ଗରେ ସୁନ୍ଦରଗଡ଼ ଚାମ୍ପିୟନ ହୋଇଛି।

ସବ୍‌ଜୁନିୟର ବିଭାଗରେ ୧୪ ଜିଲାର ଖେଳାଳି ଅଂଶଗ୍ରହଣ କରିଥିଲେ। କେନ୍ଦୁଝର ଜିଲାର ପ୍ରତିଯୋଗୀ ୧୫ ସ୍ୱର୍ଣ୍ଣ, ୨ଟି ବ୍ରୋଞ୍ଜ୍ ପଦକ ସହ ତାଲିକା ଶୀର୍ଷରେ ରହିଛନ୍ତି। ସେହିଭଳି ଖୋର୍ଦ୍ଧା ଜିଲା ୧୪ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୭ ବ୍ରୋଞ୍ଜ୍ ପଦକ ପାଇ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଅନୁଗୋଳ ଜିଲା ୩ ସ୍ୱର୍ଣ୍ଣ, ୬ ରୌପ୍ୟ, ୧୨ଟି ବ୍ରୋଞ୍ଜ୍ ପଦକ ପାଇ ତୃତୀୟ ସ୍ଥାନରେ ରହିଛି। ଏହା ପଛକୁ ସୁନ୍ଦରଗଡ଼, ଝାଡ଼ସୁଗୁଡ଼ା, ବରଗଡ଼, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ପୁରୀ, କନ୍ଧମାଳ, ମୟୂରଭଞ୍ଜ, ସମ୍ବଲପୁର ଓ ସୋନପୁର ରହିଛନ୍ତି। ଜୁନିୟର ବିଭାଗରେ ଖୋର୍ଦ୍ଧା ଜିଲା ୧୦ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୨ଟି ବ୍ରୋଞ୍ଜ ସହ ପ୍ରଥମ ସ୍ଥାନ ଅଧିକାର କରିଛି। କେନ୍ଦୁଝର ୧୦ ସ୍ୱର୍ଣ୍ଣ, ଗୋଟିଏ ବ୍ରୋଞ୍ଜ ସହ ଦ୍ୱିତୀୟ,ଅନୁଗୋଳ ଜିଲା ୩ ସ୍ୱର୍ଣ୍ଣ, ୫ ରୌପ୍ୟ, ୭ ବ୍ରୋଞ୍ଜ ପଦକ ପାଇ ତୃତୀୟ ସ୍ଥାନରେ ରହିଛି। ଏହାପଛକୁ ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, ପୁରୀ, କୋରାପୁଟ, ବଲାଙ୍ଗୀର, ନବରଙ୍ଗପୁର, ସୋନପୁର ରହିଛନ୍ତି। ସେହିପରି ସିନିୟର ବର୍ଗରେ ସୁନ୍ଦରଗଡ଼ ଜିଲା ୭ ସ୍ୱର୍ଣ୍ଣ, ୨ ରୌପ୍ୟ ପଦକ ହାତେଇ ଶ୍ରେଷ୍ଠ ସ୍ଥାନ ହାସଲ କରିଛି। କେନ୍ଦୁଝର ଜିଲା ୫ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପୁରୀ ଜିଲା ୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୨ ବ୍ରୋଞ୍ଜ ପଦକ ପାଇ ତୃତୀୟ ସ୍ଥାନ ହାସଲ କରିଛି। ଏହା ପଛକୁ ମୟୂରଭଞ୍ଜ, ସୋନପୁର, ଖୋର୍ଦ୍ଧା, ଗଞ୍ଜାମ, ଅନୁଗୋଳ, ବରଗଡ଼ ପ୍ରମୁଖ ଦଳ ରହିଛନ୍ତି। ବରଗଡ଼ ଜିଲାକୁ ମୋଷ୍ଟ ପ୍ରମୋଟିଂ ଦଳ, କେନ୍ଦୁଝର ଜିଲାର ରାଜେଶ ମୁଣ୍ଡା ଶ୍ରେଷ୍ଠ ଫାଇଟର (ପୁରୁଷ ବର୍ଗ), ସୁନ୍ଦରଗଡ଼ ଜିଲାର ରୀୟା ଠାକୁର ଶ୍ରେଷ୍ଠ ଫାଇଟର (ମହିଳା ଦଳ), ଖୋର୍ଦ୍ଧା ଜିଲାର ଆଶୁତୋଷ ମହାରଣା ଶ୍ରେଷ୍ଠ ତାଉଲୁ (ପୁରୁଷ ବର୍ଗ), ପାୟଲ ପଟ୍ଟନାୟକଙ୍କ ଶ୍ରେଷ୍ଠ ତାଉଲ (ମହିଳା ବର୍ଗ) ଭାବେ ସମ୍ମାନିତ କରାଯାଇଛି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳି ରାଜ୍ୟସ୍ତରୀୟ ଦଳରେ ସାମିଲ ହେବେ। ପ୍ରଦର୍ଶନ ଆଧାରରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ପ୍ରତିଯୋଗୀଙ୍କୁ ଚୟନ କରାଯିବ।

ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ସମ୍ମାନିତ ଅତିଥି ପାଲଲହଡ଼ା ବିଧାୟକ ମୁକେଶ ପାଲ୍, ଜିଲା ପରିଷଦ ସଭାନେତ୍ରୀ ବବିତା ପ୍ରଧାନ, ନଗରପାଳ ଅକ୍ଷୟ କୁମାର ସାମନ୍ତ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ପ୍ରମୁଖ ଉପସ୍ଥିତ ଥିଲେ। ଉସୁର ଟେକ୍ନିକାଲ ଡାଇରେକ୍ଟର ପ୍ରଦ୍ୟୁମ୍ନ ବେହେରା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଶାନ୍ତ କୁମାର ସିହ୍ନା, ଜିଲା ଉସୁ ଆସୋସିଏଶନ୍ ସଭାପତି ସୁଶାନ୍ତ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଉଛି।

